## ସଂକ୍ଷେପରେ

### ଜାତୀୟସ୍ତରୀୟ ବାଳିକା ଡର୍ବି ରୋଲାର ପ୍ରତିଯୋଗିତା

## ଗଞ୍ଜାମ ପ୍ରତିଯୋଗୀଙ୍କ କମାଲ

ବ୍ରହ୍ମପୁର ଅଫିସ,୩୦।୪-ରୋଲାର ସ୍କେଟିଂ ଫେଡ଼େରେଶନ ଅଫ ଇଣ୍ଡିଆ ପକ୍ଷରୁ ଏପ୍ରିଲ ୨୧ ରୁ ୩୦ ଯାଏ ଚଣ୍ଡୀଗଡ଼ର ମୋହାଲିଠାରେ ଜାତୀୟ ସ୍ତରୀୟ ବାଳିକା ଡ଼ର୍ବି ରୋଲାର ପ୍ରତିଯୋଗୀତା ଫାଷ୍ଟ ଇଣ୍ଡିଆ ସ୍କେଟ ରୋଲାର ଗେମସ ଚମ୍ପିୟନଶିପ୍-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ମହିଳା ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାରୁ କୋଚ ତଥା ଟିମ୍ ମ୍ୟାନେଜର ମିନି ଶର୍ମାଙ୍କ ତତ୍ତ୍ୱାବଧାନରେ ଚୟନ ହୋଇଥିବା ୭ ଜଣିଆ ଜାତୀୟସ୍ତରରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ୭ ଜଣିଆ ପ୍ରତିଯୋଗୀ ଟିମ୍‌ରେ ବ୍ରହ୍ମପୁର ସିଲ୍କ ରୋଲାର ସ୍କେଟିଂ କ୍ଲବ ୩ ପ୍ରତିଯୋଗୀ ଅଛନ୍ତି। ସେମାନେ ହେଲେ ସମୀକ୍ଷା ନାୟକ, ଶ୍ରଦ୍ଧା ପ୍ରିୟଦର୍ଶିନୀ ଓ ସ୍ୱତିକା ପଣ୍ଡା ଏହି ପ୍ରତିଯେଗାମାନେ ବ୍ରହ୍ମପୁର ସିଲ୍କ ରୋଲାର ସ୍କେଟିଂ କ୍ଲବରେ ନିୟମିତ ଭାବେ କୋଚ ଶ୍ରୀମନ୍ତ ପାଢ଼ୀ ଓ ଗୌତମ ଗୌଡ଼ଙ୍କଠାରୁ ସ୍କେଟିଂ ତାଲିମ ଗ୍ରହଣ କରିଛନ୍ତି।

### ଗୁଟ୍‌ଖା ଜବତ ମାମଲା

## ପ୍ରମାଣ ଅଭାବରୁ ୩ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୩୦।୪-ଅତିରିକ୍ତ ଜିଲା ଜଜ୍-୩ ଅଲ୍ପନା ସ୍ୱାଇଁ ଶନିବାର ଏକ ଗୁଟ୍‌ଖା ଜବତ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ମାଷ୍ଟରମାଇଣ୍ଡ ଏ.ମୋହନା ରାଓ (୪୯), ସନ୍ତୋଷ କୁମାର ସାହୁ(୨୫) ଓ ରମେଶ ଚନ୍ଦ୍ର ପାଣିଗ୍ରାହୀ(୪୬)। ପ୍ରକାଶ ଯେ, ୨୦୧୭ ମେ' ୫ରେ ବଡବଜାର ପୋଲିସ ସ୍ଥାନୀୟ ଚନ୍ଦନା ମାର୍କେଟ କମ୍ପ୍ଲେକ୍ସରେ ଗୁଟ୍‌ଖା ମହଜୁଦ ଥିବା ଖବର ପାଇ ଉକ୍ତ ଗୋଦାମରେ ଚଢଉ କରିଥିଲା। ସେଠାରୁ ବିପୁଳ ପରିମାଣର ଗୁଟ୍‌ଖା ଜବତ କରିବା ସହ ଗୋଦାମ ମାଲିକ ତଥା ଏହି କାରବାର ଚଳାଇଥିବା ଏ.ମୋହନା ରାଓଙ୍କୁ କାବୁ କରିଥିଲା। ସେହିପରି ତାଙ୍କ ଗୋଦାମରେ ଗୁଟ୍‌ଖା ପ୍ରସ୍ତୁତ କରୁଥିବା ସନ୍ତୋଷ ଓ ରମେଶଙ୍କୁ ମଧ ସେଠାରୁ କାବୁ କରିଥିଲା। ସେଠାରୁ ବିପୁଳ ପରିମାଣର ଗୁଟ୍‌ଖା ଓ ପ୍ରସ୍ତୁତି ସରଞ୍ଜାମ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ କରିଥିଲା। ମାମଲା ନମ୍ବର ୬୮/୧୭ରେ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଅଭିଯୁକ୍ତମାନେ ଜାମିନ ପାଇଥିଲେ। ଶନିବାର ଏହି ମାମଲାର ବିଚାର ବେଳେ ୭ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ୍ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅଭିମନ୍ୟୁ ଦାଶ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍. ରାମକୁମାର, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ଗୋପାଳ ପଣ୍ଡା ଓ ଅଶୋକ କୁମାର ଶୁକ୍ଲା ମକଦ୍ଦମା ପରିଚାଳନା କରିଥିଲେ।

# ବ୍ରହ୍ମପୁରରେ ସ୍ଥାପନ ହେଉ ମିଶନ ଶକ୍ତି ହବ୍

■ ୱାର୍ଡ ବିକାଶ ପାଇଁ କର୍ପୋରେଟର ଲାଡ୍ ଫଣ୍ଡ ଗଠନ ଦାବି
■ ସ୍ୱର୍ଗଦ୍ୱାର ଢାଞ୍ଚାରେ ଶ୍ମଶାନ ବିକାଶକୁ ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୩୦।୪

ରାଜ୍ୟରେ ବିଜେଡି ସରକାର ସବୁ କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦେଇଛନ୍ତି। ସେମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଇବାକୁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ବ୍ରହ୍ମପୁରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ଭାବେ ଏକ ମିଶନ ଶକ୍ତି ହବ୍ ସ୍ଥାପନ ଲାଗି ବିଏମ୍‌ସିର ବିଜେଡି କର୍ପୋରେଟର ସୁରେନ୍ଦ୍ର ମହାରଣା ଦାବି କରିଛନ୍ତି। ଏହାଦ୍ୱାରା ମହିଳା ଉଦ୍ୟୋଗୀମାନେ ସେମାନଙ୍କ ବ୍ୟବସାୟ କରିବା ଏବଂ ଅନ୍ୟାନ୍ୟ ଉନ୍ନତି ଲାଗି ଭିତ୍ତିଭୂମି ସୃଷ୍ଟି ହୋଇପାରିବାର ସେ ଦର୍ଶାଇଛନ୍ତି। ମହାନଗର ନିଗମ ଏଥିରେ ସହଯୋଗ କରିବାକୁ ଗୁରୁତ୍ୱ ଦେଇଛନ୍ତି।

ବିଏମ୍‌ସିର ୨୦୨୨-୨୩ ବର୍ଷର ବଜେଟ କିଭଳି କରାଯିବ ଏବଂ ବିଭିନ୍ନ ୱାର୍ଡରେ ବିକାଶ ପ୍ରକ୍ରିୟା ନିମନ୍ତେ କ'ଣ ପଦକ୍ଷେପ ନିଆଯିବ ସେନେଇ କର୍ପୋରେଟରମାନଙ୍କ ମତାମତ ନେବା ପାଇଁ ଗତ ଶୁକ୍ରବାର ସ୍ୱତନ୍ତ୍ର ବୈଠକ ହୋଇଥିଲା। ନବ ନିର୍ବାଚିତ ଜନ ପ୍ରତିନିଧିଙ୍କ ଏହି ପ୍ରଥମ ବୈଠକରେ ମେୟର ସଂଘମିତ୍ରା ଦଳେଇ ଅଧ୍ୟକ୍ଷତା କରିଥିଲେ। କମିଶନରଙ୍କ ସମେତ ଅନ୍ୟ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ। ୩୨ନଂ. ୱାର୍ଡ କର୍ପୋରେଟର ସୁରେନ୍ଦ୍ର ମିଶନ ଶକ୍ତି ସମ୍ପର୍କିତ ଏହି ପ୍ରସ୍ତାବ ଦେଇଥିଲେ। ଏହାକୁ ମେୟର ଓ ଅନେକ ମହିଳା କର୍ପୋରେଟର ସ୍ୱାଗତ କରିଥିଲେ।

ଅପରପକ୍ଷରେ ମହାନଗରରେ ଜନସଂଖ୍ୟା ବଢ଼ି ଚାଲିଛି ଓ ମୃତ୍ୟୁ ମଧ ତାଳ ଦେଇ ଚାଲିଛି। ପୁରାତନ ଶ୍ମଶାନଗୁଡ଼ିକ କ୍ରମଶଃ ଜୁରୁଣ ହେବାରେ ଲାଗିଛି। ତେଣୁ ସିଟି ବସ୍‌ଷ୍ଟାଣ୍ଡ ରୋଡସ୍ଥ ଗୋଲାପଲ୍ଲୀ ପୋଖରୀ ସାମ୍ନାରେ ଥିବା ଗୋକର୍ଣ୍ଣେଶ୍ୱର ଶ୍ମଶାନକୁ ପୁରୀ ସ୍ୱର୍ଗଦ୍ୱାର ଢାଞ୍ଚାରେ ବିକାଶ କରାଯିବା ସହ ସେଠାରେ ଶବଦାହ ନିମନ୍ତେ ଆବଶ୍ୟକ ସମସ୍ତ ସରଞ୍ଜାମ ଯୋଗାଇବାର ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦିଆଯାଇଛି। କ୍ଷୁଦ୍ର ଓ ମଧ୍ୟମ ବେପାରୀଙ୍କ ନିମନ୍ତେ ଏକ ସହର ବ୍ୟବସାୟ ହବ୍ ବିଏମ୍‌ସି ପକ୍ଷରୁ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନରୁ ପ୍ରତିଦିନ ବିପୁଳ ପରିମାଣର ଆବର୍ଜନା ବାହାରୁଥିବାରୁ ସେମାନଙ୍କଠାରୁ ମୋଟା ଅଙ୍କର ଟିକସ ଆଦାୟ କରାଯିବାକୁ ପ୍ରସ୍ତାବ ଦିଆଯାଇଛି।

ଏମ୍‌ପି ଓ ବିଧାୟକଙ୍କ ଭଳି ମହାନଗର ନିଗମ କର୍ପୋରେଟରଙ୍କ ପାଇଁ ବାର୍ଷିକ ୧୦ ଲକ୍ଷ ଟଙ୍କା ଲାଡ ପାଣ୍ଠି ସୃଷ୍ଟି କରାଯିବାକୁ ବଜେଟ ପୂର୍ବ ପ୍ରସ୍ତୁତି ବୈଠକରେ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ୱାର୍ଡ ବିକାଶରେ ସେହି ଅର୍ଥ ବିନିଯୋଗ କରିପାରିବାର ଦର୍ଶାଯାଇଛି। ୱାର୍ଡ ଡେଭଲପମେଣ୍ଟ ଫଣ୍ଡ ଓ ଗାଇଡ୍ ଲାଇନ୍ ପ୍ରସ୍ତୁତ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ୱାର୍ଡ କମିଟିଗୁଡ଼ିକ ସକ୍ରିୟ କରାଯିବାକୁ କୁହାଯାଇଛି। ଉପରୋକ୍ତ ପ୍ରସ୍ତାବ ସମୂହ ଆଗାମୀ ବୈଠକରେ ଆଲୋଚନା କରାଯିବ।

### ବିଶ୍ୱସରାୟ ବିଜ୍ଞାନ ମହାବିଦ୍ୟାଳୟ

## ଅଧ୍ୟକ୍ଷାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଅଧ୍ୟକ୍ଷାଙ୍କୁ ମାନପତ୍ର ପ୍ରଦାନ କରାଯାଉଛି ।

ପାଟପୁର,୩୦।୪

ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡ଼.ସୁଦେଷ୍ଣା ଚୌଧୁରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମହାରଣା ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ସଞ୍ଜୀବନୀ ଜେନା, ଡ଼.କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବିଦାୟୀ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟ ସମସ୍ତ ଶିକ୍ଷକ କର୍ମଚାରୀ ବିଦାୟୀ ଅଧ୍ୟକ୍ଷାଙ୍କ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର କାର୍ଯ୍ୟକାଳ ସମୟରେ ଅଧ୍ୟକ୍ଷାଙ୍କ ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ନିଷ୍ଠ, ନେତୃତ୍ୱ ଦକ୍ଷତା ଗୁଣ ସମ୍ପର୍କରେ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଅଧ୍ୟକ୍ଷାଙ୍କୁ ମାନ ପତ୍ର, ଉପଢ଼ୌକନ ପ୍ରଦାନ କରିବା ସହ ତାଙ୍କ ଅଗାମୀ ଜୀବନର ମଙ୍ଗଳ କାମନା କରିଥିଲେ। ଶେଷରେ ବିଦାୟୀ ଅଧ୍ୟକ୍ଷା ନୂତନ ଅଧ୍ୟକ୍ଷ ମହେଶ ଚନ୍ଦ୍ର ଦାଶଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କୁ ଫେରାଦ


ଏସ୍‌ପିଙ୍କ ନିକଟରେ ଫେରାଦ ହେଉଛନ୍ତି ଗ୍ରାମବାସୀ ।

ବ୍ରହ୍ମପୁର ଅଫିସ,୩୦।୪

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ପାଳଝାଡି ଗ୍ରାମର ହୋଇଥିବା ଡବଲ ମର୍ଡର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଅଞ୍ଚଳର ଶତାଧିକ ଗ୍ରାମବାସୀ ଶନିବାର ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏହି ଘଟଣାକୁ ସପ୍ତାହେ ବିତିଥିଲେ ମଧ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିନାହିଁ। ମୃତକଙ୍କ ପରିବାର ବର୍ଗଙ୍କ ସହ ଚଷାନିମଖଣ୍ଡି ପଞ୍ଚାୟତର ବହୁ ଗ୍ରାମବାସୀ ଏକତ୍ରିତ ହୋଇ ଏହାର ପ୍ରତିବାଦ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଥିଲେ। ଆଗାମୀ ୪୮ ଘଣ୍ଟା ମଧରେ ଯଦି ଅଭିଯୁକ୍ତଙ୍କୁ ଗିରଫ କରାନଯାଏ ତେବେ ରାଜରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରାଯିବ ବୋଲି ମୃତକଙ୍କ ସମ୍ପର୍କୀୟ ଉତ୍ତମ ପାଣିଗ୍ରାହୀ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ କରାଯାଇଛି। ସେହିପରି ଅଭିଯୁକ୍ତମାନେ ଚିହ୍ନଟ ହୋଇସାରିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର କହିଛନ୍ତି।

**ପାଳଝାଡି ଗ୍ରାମରେ ଡବଲ ମର୍ଡର ଘଟଣା**

ପ୍ରକାଶ ଯେ,ପାଳଝାଡି ଗ୍ରାମର ସୁଧୀର ପାତ୍ର ଓ ସୁଦର୍ଶନ ସୁଆର ଗତ ୨୩ ତାରିଖ ରାତିରେ ଏକ ବାଇକ୍‌ରେ ନିକଟସ୍ଥ ପନାଡ ଗ୍ରାମକୁ ଯାଇଥିଲେ। ସେଠାରେ ଜଣକ ଭୋଜିରେ ଯୋଗଦେଇ ସେମାନେ ଘରକୁ ଫେରୁଥିଲେ। ସଉରା ପାହାଡ଼ ରାସ୍ତାରେ ଉଭୟଙ୍କୁ ଦୁର୍ବୃତ୍ତମାନେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ। ଘଟଣା ପରେ ଦିଗପହଣ୍ଡି ପୋଲିସ ଦୁଇଟିଯାକ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ପରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ମଧ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପାଳଝାଡି ଗାଁକୁ ଯାଇ ଘଟଣା ସମ୍ପର୍କରେ ଗ୍ରାମବାସୀ ଏବଂ ମୃତକଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ।

DSPL - 15
ଓଡ଼ିଶା ସରକାର
ଶ୍ରମିକ ଦିବସ ଉପଲକ୍ଷେ
ବାର୍ତ୍ତା

ଶ୍ରମିକ ଦିବସ ଉପଲକ୍ଷେ ଓଡ଼ିଶାର ଶ୍ରମଜୀବୀ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।
ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାନର ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ଆନ୍ତରିକତା ରାଜ୍ୟକୁ ପ୍ରଗତି ପଥରେ ଆଗେଇନେବ ବୋଲି ମୋର ବିଶ୍ୱାସ ।
ରାଜ୍ୟକୁ ଶିଳ୍ପସମୃଦ୍ଧ ଭାବେ ଗଢ଼ିତୋଳି ବିକାଶ ପଥରେ ଆଗେଇନେବାରେ ଶ୍ରମିକମାନଙ୍କ ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ସେମାନଙ୍କର କର୍ମକୌଶଳ, ନିଷ୍ଠା ଓ ଆନ୍ତରିକତା ଆଗାମୀ ଦିନରେ ଓଡ଼ିଶାକୁ ଅଧିକ ବିକାଶୋନ୍ମୁଖୀ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।
ମୁଁ ଏହି ଅବସରରେ ଶ୍ରମିକମାନଙ୍କର ସୁଖ, ସମୃଦ୍ଧି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।
(ସୁଶାନ୍ତ ସିଂହ)
ମନ୍ତ୍ରୀ, ଶ୍ରମ, କର୍ମଚାରୀ ରାଜ୍ୟବୀମା ଓ ଗ୍ରାମ୍ୟ ଉନ୍ନୟନ, ଓଡ଼ିଶା
OIPR-17001/13/0001/2223

# ଛାତ୍ର ବିଜେଡି ପକ୍ଷରୁ ଜଳଛତ୍ର


ପାନୀୟ ଜଳ ବଣ୍ଟନ କରୁଛନ୍ତି ବିଧାୟିକା ।

ଆସିକା,୩୦।୪(ଡି.ଏନ.ଏ.)

ଆସିକା ବ୍ଲକର କାଳଷଣ୍ଢପୁର ହାଇସ୍କୁଲ ସମ୍ମୁଖ ଏବଂ ଆସିକା ଏନ୍‌ଏସିର ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଓ ମେକମାଇକେଲ ସଂସ୍କୃତ ମହାବିଦ୍ୟାଳୟ ସମ୍ମୁଖରେ ଶନିବାର ବ୍ଲକ ଛାତ୍ର ବିଜେଡି ପକ୍ଷରୁ ତୃଷାର୍ତ୍ତଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଜଳଛତ୍ରମାନ ଖୋଲାଯାଇଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ତଥା ଜିଲାପରିଷଦ ସଦସ୍ୟ ମନୋଜ କୁମାର ଦୋରା, ବରିଷ୍ଠ ବିଜେଡି ଯୁବନେତା ଭଗବାନ ସାହୁ, ଦିଲ୍ଲୀପ ପାଣିଗ୍ରାହୀ, ବ୍ଲକ ବିଜେଡି ସଭାପତି ରାଜେଶ ପଟ୍ଟନାୟକ, ଅନିଲ କୁମାର ନାୟକ, ସୂର୍ଯ୍ୟକାନ୍ତ ପରିଡା, ଅଭିମନ୍ୟୁ ନାହାକ, ଛାତ୍ର ବିଜେଡି ବ୍ଲକ ସଭାପତି ବିମଳ ପ୍ରଧାନ, ନଗର ସଭାପତି ନିଗମାନନ୍ଦ ରାଉତଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

## ବିଜେଡି ପକ୍ଷରୁ ୩ ୱାର୍ଡରେ ଜଳଛତ୍ର କେନ୍ଦ୍ର

ବ୍ରହ୍ମପୁର ଅଫିସ,୩୦।୪

ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଶନିବାର ବ୍ରହ୍ମପୁର ମହାନଗର ନିଗମର ଲାଞ୍ଜିପଲ୍ଲୀସ୍ଥ ୩୭, ଶିଳ୍ପାଞ୍ଚଳର ୩୯ ଏବଂ ୪୦ ନଂ. ୱାର୍ଡର ଆମ୍ବପୁଆଠାରେ ୩ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇଛି। ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଞ୍ଜୀ ଓ ପୂର୍ବତନ ବିଡିଓ ଅଧ୍ୟକ୍ଷ ତଥା ବିଜେଡି ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ବିଜେଡି ନେତା ଉମା ଚରଣ ନାୟକଙ୍କ ସମେତ ୩ ୱାର୍ଡର ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଏମ୍‌କେସିଜି ପାରାମେଡିକାଲ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

## ଅଭିଯୁକ୍ତଙ୍କୁ ଗିରଫ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ବ୍ରହ୍ମପୁର ଅଫିସ,୩୦।୪

ଜଣେ ରୋଗୀ ସମ୍ପର୍କୀୟଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଶନିବାର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପାରାମେଡିକାଲ ଛାତ୍ରୀଛାତ୍ର କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ସହ ରେଡିଓଲୋଜି ବିଭାଗରେ କାର୍ଯ୍ୟରତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦାବି କରିଛନ୍ତି। ଏମ୍‌କେସିଜି କର୍ତ୍ତୃପକ୍ଷ ଓ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଧାରଣାରେ ବସିଥିବା ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ଏମ୍‌କେସିଜି ପାରାମେଡିକାଲ ଛାତ୍ରୀଛାତ୍ରଙ୍କ ଧାରଣା ।

ପ୍ରକାଶ ଯେ, ଏମ୍‌କେସିଜି ମେଡିକାଲର ପିଏମ୍‌ଆର କୋଠାରେ ଚିକିତ୍ସିତ ହେଉଥିବା ଜଣେ ମହିଳା ରୋଗୀଙ୍କ ସ୍ୱାମୀ ଶୁକ୍ରବାର ଉକ୍ତ କୋଠାରେ କାର୍ଯ୍ୟରତ ଜଣେ ଷ୍ଟାଫ ନର୍ସଙ୍କୁ ଦୁର୍ବ୍ୟବହାର କରିଥିଲେ। ପରେ ସେ ରୋଗୀଙ୍କ ଏକ୍ସ-ରେ କରିବାକୁ ଯାଇଥିଲେ। ତେବେ ଏକ୍ସ-ରେରେ ବିଳମ୍ବ ହେବାରୁ ରେଡିଓଲୋଜି ବିଭାଗରେ କାର୍ଯ୍ୟରତ ପାରା ମେଡିକାଲ ଛାତ୍ରୀଛାତ୍ରଙ୍କୁ ସେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଫଳରେ ସେଠାରେ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ପରେ ପୋଲିସ ପହଞ୍ଚି ଉଭୟଙ୍କୁ ମେଡିକାଲ ଫାଣ୍ଡିକୁ ନେଇ ବୁଝାଶୁଝା କରିଥିଲା। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଛାଡି ଦେଇଥିଲା। ହେଲେ ସେହି ବ୍ୟକ୍ତି ଜଣଙ୍କ ଶନିବାର ପୁଣିଥରେ ଏମ୍‌କେସିଜି ରେଡିଓଲୋଜି ବିଭାଗକୁ ଯାଇ ସେଠାରେ କାର୍ଯ୍ୟରତ ଥିବା ଛାତ୍ରୀଛାତ୍ରଙ୍କୁ ଗାଳିଗୁଲଜ କରିବା ସହ ନାନାପ୍ରକାର ଧମକ ଦେଇ ଫେରାର ହୋଇଯାଇଥିଲେ। ଏହାପରେ ଶତାଧିକ ପାରାମେଡିକାଲ ଛାତ୍ରୀଛାତ୍ର କାର୍ଯ୍ୟବନ୍ଦ କରି ଧାରଣାରେ ବସିଥିଲେ। ଏଥିଯୋଗୁ ଏମ୍‌କେସିଜିରେ ପ୍ରାୟ ୩ ଘଣ୍ଟା ଧରି ଏକ୍ସ-ରେ ଓ ଅଲଟ୍ରାସାଉଣ୍ଡ ସେବା ବନ୍ଦ ରହିଥିଲା। ଖବରପାଇ ଏମ୍‌କେସିଜି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ଓ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଛାତ୍ରୀଛାତ୍ରମାନେ ଧାରଣାରୁ ଶେଷରେ ଓହରିଥିଲେ।



